ଏମ୍.ପୂର୍ଣ୍ଣଚନ୍ଦ୍ରନ ଏବଂ ଅନ୍ୟଜଣେ

*ବନାମ*

ତାମିଲନାଡୁ ରାଜ୍ୟ ଏବଂ ଅନ୍ୟମାନେ

ନଭେମ୍ବର 6, 1996

[କେ. ରାମାସ୍ୱାମୀ, ବି.ଏଲ୍. ହଂସାରିୟା
ଏବଂ ଏସ୍.ବି. ମଜମୁଦାର, ନ୍ୟାୟମୂର୍ତ୍ତିବୃନ୍ଦ]

*ଅଭ୍ୟାସ ଏବଂ ପ୍ରକ୍ରିୟା :*

*ପୁନଃରୀକ୍ଷଣ ଆବେଦନ – ସର୍ବୋଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ଦାଖଲ – ପୁନଃରୀକ୍ଷଣ ଆବେଦନ ଦାଖଲ କରିଥିବା ନଥିଭୁକ୍ତ ଅଧିବକ୍ତା – ଅପିଲରେ ନଥିଭୁକ୍ତ ଅଧିବକ୍ତାଙ୍କଠାରୁ "ଆପତ୍ତି ମୁକ୍ତ ପ୍ରମାଣପତ୍ର" ହାସଲ କରାଯାଇନଥିଲା – ଅପିଲ ଶୁଣାଣି ସମୟରେ ସେ ଆବେଦନକାରୀଙ୍କ ଅଧିବକ୍ତା ନଥିଲେ କିମ୍ବା ସେ ସେତେବେଳେ ଉପସ୍ଥିତ ନଥିଲେ – ପୁନଃରୀକ୍ଷଣ ଆବେଦନରେ ନିଆଯାଇଥିବା ଆଧାର ପୁନଃରୀକ୍ଷଣ ପରିସର ମଧ୍ୟରେ ସୀମିତ ନୁହେଁ– ଦର୍ଶାଯାଇଛି, ଏପରି ଅଭ୍ୟାସକୁ ଅନୁମତି ଦେବା ବୃତ୍ତିର ସ୍ୱାର୍ଥରେ ହେବ ନାହିଁ ।*

*ନଥିଭୁକ୍ତ ଅଧିବକ୍ତା – ଅପିଲରେ ନଥିଭୁକ୍ତ ଅଧିବକ୍ତାଙ୍କ ଠାରୁ "ଆପତ୍ତି ମୁକ୍ତ ପ୍ରମାଣପତ୍ର" ହାସଲ ନକରି ସର୍ବୋଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ପୁନଃରୀକ୍ଷଣ ଆବେଦନ ଦାଖଲ କରିବା – ଦର୍ଶାଯାଇଛି, "ଆପତ୍ତି ମୁକ୍ତ ପ୍ରମାଣପତ୍ର" ଦାଖଲ କରିବା ତାଙ୍କ ପାଇଁ ନଥିରେ ଆସିବାର ଆଧାର ହେବ – ଅନ୍ୟଥା, ନଥିଭୁକ୍ତ ଅଧିବକ୍ତା ନ୍ୟାୟାଳୟଙ୍କ ନିକଟରେ ଉତ୍ତରଦାୟୀ – ପୂର୍ବତନ ଅଧିବକ୍ତାଙ୍କଠାରୁ "ଆପତ୍ତି ମୁକ୍ତ ପ୍ରମାଣପତ୍ର" ହାସଲ କରିବାରେ ବିଫଳତା  କାରଣରୁ ତାଙ୍କୁ ପୁନଃରୀକ୍ଷଣ ଆବେଦନ ଦାଖଲ କରିବାର ଅଧିକାରରୁ ବଞ୍ଚିତ କରିଛି ।*

ଦେୱାନୀ ଅପିଲ ଅଧିକାରିତା : ପୁନଃରୀକ୍ଷଣ ଆବେଦନ (ସି) ସଂଖ୍ୟା 2070/1996

ରେ

ଦେୱାନୀ ଆବେଦନ ସଂଖ୍ୟା 1867/1992 ରୁ ଉତ୍ପନ୍ନ

ଡବ୍ଲ୍ୟୁ.ପି. ସଂଖ୍ୟା 9269/1983 ରେ ମାଡ୍ରାସ ଉଚ୍ଚ ନ୍ୟାୟାଳୟଙ୍କର 22.4.91 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀ/ଅପିଲକାରୀଙ୍କ ପାଇଁ ପ୍ରବୀର ଚୌଧୁରୀ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ରାୟ ପ୍ରଦାନ କରାଯାଇଥିଲା :

ଅପିଲର ନଥି ସୂଚିତ କରେ ଯେ, ଯେତେବେଳେ ଅପିଲଟିର ଶୁଣାଣି କରାଯାଇଥିଲା ଏବଂ ଯୋଗ୍ୟତା ଆଧାରରେ ନିଷ୍ପତ୍ତି ନିଆଯାଇଥିଲା, ସେତେବେଳେ ଶ୍ରୀଯୁକ୍ତ ସୁଦର୍ଶ ମେନନ୍ ନଥିଭୁକ୍ତ ଅଧିବକ୍ତା ଥିଲେ । ଶ୍ରୀ ପ୍ରବୀର ଚୌଧୁରୀଙ୍କ ଦ୍ୱାରା ପୁନଃରୀକ୍ଷଣ ଆବେଦନ ଦାଖଲ କରାଯାଇଛି, ଯିଏ ଅପିଲର ଶୁଣାଣି ସମୟରେ, ଅନୁପସ୍ଥିତ ଥିଲେ କିମ୍ବା ଯୁକ୍ତି ସମୟରେ ସେ ଉପସ୍ଥିତ ନଥିଲେ । କେଉଁ ଭିତ୍ତିରେ ସେ ପୁନଃରୀକ୍ଷଣ ଆବେଦନରେ ଆଧାର ଲେଖିଛନ୍ତି ତାହା ଅଜଣା, ଯେପରିକି ଏହା ଆମର ଆଦେଶ ବିରୁଦ୍ଧରେ ଏକ ଅପିଲର ପୁନଃ ଶୁଣାଣି । ସେ କେବଳ ପୁନଃରୀକ୍ଷଣର ପରିସର ମଧ୍ୟରେ ସୀମିତ ନଥିଲେ । ଏପରି ଅଭ୍ୟାସକୁ ଅନୁମତି ଦେବା ବୃତ୍ତିର ସ୍ୱାର୍ଥରେ ହେବ ନାହିଁ । ଏହା ଛଡା, ସେ ଅପିଲରେ ନଥିଭୁକ୍ତ ଅଧିବକ୍ତାଙ୍କଠାରୁ "ଆପତ୍ତି ମୁକ୍ତ ପ୍ରମାଣପତ୍ର" ହାସଲ କରିନାହାଁନ୍ତି, ଏହି ତଥ୍ୟ ସତ୍ତ୍ୱେ, ନିବନ୍ଧକଙ୍କ କାର୍ଯ୍ୟାଳୟ ତାଙ୍କୁ ଏପରି କରିବାର ଆବଶ୍ୟକତା ବିଷୟରେ ସୂଚନା ଦେଇଥିଲେ । "ଆପତ୍ତି ମୁକ୍ତ ପ୍ରମାଣପତ୍ର" ଦାଖଲ କରିବା ତାଙ୍କ ନଥିରେ ଆସିବା ପାଇଁ ଆଧାର ହେବ । ଅନ୍ୟଥା, ନଥିଭୁକ୍ତ ଅଧିବକ୍ତା ନ୍ୟାୟାଳୟଙ୍କ ନିକଟରେ ଉତ୍ତରଦାୟୀ ଅଟନ୍ତି । ପୂର୍ବତନ ଅଧିବକ୍ତାଙ୍କଠାରୁ "ଆପତ୍ତି ମୁକ୍ତ ପ୍ରମାଣପତ୍ର" ପାଇବାରେ ବିଫଳତା ତାଙ୍କୁ ପୁନଃରୀକ୍ଷଣ ଆବେଦନ ଦାଖଲ କରିବାକୁ ବଞ୍ଚିତ କରିଛି । ଅନ୍ୟଥା, ପୁନଃରୀକ୍ଷଣ ଆବେଦନର କୌଣସି ଯୋଗ୍ୟତା ନାହିଁ । ଏହି ପ୍ରସଙ୍ଗକୁ ପୁନର୍ବାର ଉଠାଇବା ପାଇଁ ଏହା ଏକ ପ୍ରୟାସ ଅଟେ ।

ଏହି ଆଧାରରେ, ଆମେ ପୁନଃରୀକ୍ଷଣ ଆବେଦନକୁ ଖାରଜ କରୁଛୁ ।

ଆର୍.ପି                                   ଆବେଦନ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ। "

ଅନୁବାଦିକା : ସସ୍ମିତା ନାଏକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ